# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 January – 2026

**********************************

## ମୁଖ୍ୟ ସମ୍ବାଦ

- ଅଟଳ ପେନସନ୍ ଯୋଜନାର ଅବଧି ବୃଦ୍ଧି ପ୍ରସ୍ତାବ ଓ ପାଣ୍ଠି ସହାୟତା ସମ୍ପ୍ରସାରଣକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
- ରାଜ୍ୟସ୍ତରୀୟ ମତ୍ସ୍ୟ–ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬କୁ ଅପରାହ୍ନରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ୨୦୨୭ ମସିହା ସୁଦ୍ଧା ରାଜ୍ୟର ୧୫୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ରାସ୍ତା ନିର୍ମାଣ ଲାଗି ସରକାରଙ୍କ ନିଷ୍ପତ୍ତି
- ଏନ୍.ଟି.ଏ. ପକ୍ଷରୁ ଆଜିଠାରୁ ଆରମ୍ଭ ହେଲା ଯୁଗ୍ମ ପ୍ରବେଶିକା ପରୀକ୍ଷା

ଏବଂ

- ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ଦୁର୍ଲଭ ପଦ୍ମବେଶ

Desk

# ପେନସନ୍ ଯୋଜନା

କେନ୍ଦ୍ର କ୍ୟାବିନେଟ୍ ବୈଠକ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଟଳ ପେନସନ୍ ଯୋଜନାର ଅବଧି ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଯୋଜନା ଆସନ୍ତା ୨୦୩୦-୩୧ ପର୍ଯ୍ୟନ୍ତ ଜାରି ରହିବ। ଯୋଜନାର ପ୍ରଚାର ପ୍ରସାର ଓ ବିକାଶମୂଳକ କାର୍ଯ୍ୟକଳାପ ପାଇଁ ପାଣ୍ଠି ସହାୟତାର ସମ୍ପ୍ରସାରଣ କରାଯିବା ସହ ନିଅଣ୍ଟ ଭରଣା ଲାଗି ମଧ୍ୟ ପାଣ୍ଠି ଯୋଗାଇ ଦେବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। କମ ଆୟକାରୀ ଏବଂ ଅଣସଂଗଠିତ କ୍ଷେତ୍ରର ଲକ୍ଷ ଲକ୍ଷ ଶ୍ରମିକଙ୍କ ପାଇଁ ଏହାଦ୍ୱାରା ଆୟ ସୁରକ୍ଷା ସୁନିଶ୍ଚିତ ହୋଇପାରିବ।

Desk

# ଇସିଆଇ-କନ୍‌ଫରେନ୍ସ

ଦେଶରେ ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥାରେ  ବୁଥ୍ ସ୍ତରୀୟ ଅଧିକାରୀମାନେ ମୂଳସ୍ତମ୍ଭ ବୋଲି ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର କହିଛନ୍ତି। ନୂଆଦିଲ୍ଲୀଠାରେ ଆଜି ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ-୨୦୨୬ରେ ଉଦ୍‌ବୋଧନ ଦେଇ ଶ୍ରୀ କୁମାର କହିଛନ୍ତି, ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଗଣତନ୍ତ୍ରକୁ

ସୁଦୃଢ଼ କରିବା ଲାଗି ପ୍ରତ୍ୟେକ ଯୋଗ୍ୟ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯିବାର ଆବଶ୍ୟକତା ରହିଛି ।

ଭାରତ ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ଦିଗରେ ସର୍ବବୃହତ ବିଶ୍ୱ ସମ୍ମିଳନୀ । ଏଥିରେ ୭୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ସମ୍ମିଳନୀ ଅବସରରେ ନିର୍ବାଚନ ପରିଚାଳନା ସହିତ ଜଡ଼ିତ ୪୦ରୁ ଅଧିକ ଦ୍ୱିପାକ୍ଷିକ ବୈଠକ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

Desk

# ପୌର ନିର୍ବାଚନ

ରାଜ୍ୟରେ ଆସନ୍ତା ଜୁନ୍ ମାସ ଶେଷ ସୁଦ୍ଧା ବିଜ୍ଞପିତ ଅଞ୍ଚଳ ପରିଷଦ – ଏନ୍.ଏ.ସି. ଏବଂ ପୌର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ି ସୂଚନା ଦେଇଛନ୍ତି । ଏଥିସହିତ ନୂତନ ଘୋଷିତ ପୌରାଞ୍ଚଳରେ ମଧ୍ୟ ନିର୍ବାଚନ କରାଯିବା ନେଇ ସମସ୍ତ ପ୍ରସ୍ତୁତି ଜାରି ରହିଛି । ଏ ସମ୍ପର୍କରେ ଶ୍ରୀ ପାଢ଼ି ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ।

Desk

# ମତ୍ସ୍ୟ-ପ୍ରାଣୀ ସମାବେଶ

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଆଜିଠାରୁ ଭୁବନେଶ୍ୱରର ଜନତା ମଇଦାନରେ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନରେ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ

ରହିଛି। ଚଳିତ ବର୍ଷ 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା' ବାର୍ତ୍ତା ନେଇ ସମ୍ମିଳନୀର ଆୟୋଜନ କରାଯାଉଛି।

ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳନ ସମ୍ପର୍କରେ ଜନସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶଦାଶ ନାୟକ, ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।

ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଏହି ସମ୍ମିଳନୀ ଚାଲିବାକୁ ଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଯୋଗଦେବେ । ସମାବେଶରେ ୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେବେ । ଏହାସହ ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶ୍ରେଷ୍ଠ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ସମାବେଶରେ ୨୦୮ଟି ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣୀପାଳନ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ବେସରକାରୀ ଅନୁଷ୍ଠାନର ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ । ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଓ ଶାସ୍ତ୍ରୀୟନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

Desk

## ଖଣି ଖନନ ତଦନ୍ତ

ବେଆଇନ ଖଣି ଖନନର ସିବିଆଇ ତଦନ୍ତ ଦାବି ସମ୍ପର୍କିତ ମାମଲାରେ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ବେଆଇନ ଖଣି ଖନନ ସ୍ଥିତିର ସବିଶେଷ ତଥ୍ୟ ମାଗିଛନ୍ତି। ଆସନ୍ତା ମାସ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

Desk

## ବିଜେପି ବୈଠକ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେପି ଶାସିତ ରାଜ୍ୟର ଦଳୀୟ ସଭାପତିଙ୍କ ସମେତ ପ୍ରଭାରୀମାନେ ଉପସ୍ଥିତ ଅଛନ୍ତି। ଓଡ଼ିଶା ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ବିଜେପି ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

Desk

## ରାସ୍ତା ନିର୍ମାଣ

ରାଜ୍ୟରେ ୧୫୦ ଜନସଂଖ୍ୟା ଥିବା ଗାଁକୁ ଆସନ୍ତା ୨୦୨୭ ମସିହା ସୁଦ୍ଧା ରାସ୍ତା ନିର୍ମାଣ କରାଯିବ ବୋଲି ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ

ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ୭୫ ହଜାରରୁ ଅଧିକ ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୩୦ ହଜାରରୁ ଅଧିକ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ୩ ମାସ ମଧ୍ୟରେ ଶତପ୍ରତିଶତ ବଜେଟ୍ ଖର୍ଚ୍ଚ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

Desk

## ସୁଭଦ୍ରା ରାଶି

ରାଜ୍ୟରେ ସୁଭଦ୍ରା ଯୋଜନାରେ ନୂତନ ଭାବେ ଯୋଡ଼ି ହୋଇଥିବା ୧ ଲକ୍ଷ ୭୮ ହଜାର ୩୯୮ ଜଣ ହିତାଧିକାରୀଙ୍କୁ ଆସନ୍ତାକାଲି ସହାୟତାରାଶି ପ୍ରଦାନ କରାଯିବ। ଏପର୍ଯ୍ୟନ୍ତ ସୁଭଦ୍ରା ଯୋଜନାରେ ମୋଟ୍ ୪ ଲକ୍ଷ ୫୭ ହଜାର ୬୮୧ ଜଣ ମହିଳା ସାମିଲ ହୋଇଛନ୍ତି।  ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ  ଏକସଙ୍ଗରେ ୨ଟି କିସ୍ତିର ଟଙ୍କା ପ୍ରଦାନ କରାଯିବ। ଅଭିଯୋଗ ଶୁଣାଣି ପରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି।

ଭୁବନେଶ୍ୱର ଓୟୁଏଟିଠାରେ ଆସନ୍ତାକାଲି ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ଯୋଜନା ସମ୍ବନ୍ଧିତ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟା ୩୦ରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ରହିବେ।

Desk

# ଆମ ବସ୍ ସେବା

ରାଜ୍ୟରୁ ଡିଜେଲ ଚାଳିତ 'ଆମ ବସ୍' ଚଳାଚଳ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଡିଜେଲ ବସ୍‌କୁ ଆଗାମୀ ଦିନରେ ସ୍କ୍ରାପିଂ କରାଯିବା ପରେ ଇଲେକ୍‌ଟ୍ରିକ ଚାଳିତ ବସ୍ ଆଣିବା ପାଇଁ ସରକାର ଯୋଜନା କରୁଛନ୍ତି ବୋଲି ଶ୍ରୀ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

**- V/O –**

Desk

## ଜେଇଇ ମେନ୍ ପରୀକ୍ଷା

ଜାତୀୟ ପରୀକ୍ଷଣ ସଂସ୍ଥାନ– ଏନ୍.ଟି.ଏ. ପକ୍ଷରୁ ଆଜିଠାରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା– ଜେ.ଇ.ଇ. ମେନ୍ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଏପ୍ରିଲ ମାସ ୧ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ମାସର ପରୀକ୍ଷାଫଳ ଆସନ୍ତା ମାସ ୧୨ ତାରିଖରେ ଏନ୍.ଟି.ଏ ପକ୍ଷରୁ ଘୋଷଣା କରାଯିବ।

ସେହିଭଳି ଦ୍ୱିତୀୟ ପର୍ଯ୍ୟାୟର ପରୀକ୍ଷା ଫଳ ଏପ୍ରିଲ ୨୦ରେ ପ୍ରକାଶ ପାଇବ। ଏନ୍.ଆଇ.ଟି., ଟ୍ରିପଲ ଆଇ.ଟି. ଏବଂ ସରକାରୀ ଅନୁଦାନପ୍ରାପ୍ତ ବୈଷୟିକ ପ୍ରତିଷ୍ଠାନରେ ନାମଲେଖା ପାଇଁ ଏହି ପରୀକ୍ଷାର ଆବଶ୍ୟକ ହୋଇଥାଏ। ଚଳିତ ବର୍ଷ ଦେଶର ୩୨୩ଟି ସହରରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି।

Desk

## ଓଏସ୍ଏସ୍ଟିଇଟି ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା– ଓ.ଏସ୍.ଏସ୍.ଟି.ଇ.ଟି. ଆଜି ଅନୁଷ୍ଠିତ ହୋଇଛି। ଦୁଇଟି ପର୍ଯ୍ୟାୟରେ ହୋଇଥିବା ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ୧୨ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ପରୀକ୍ଷାର୍ଥୀଙ୍କୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ, ଏକାଗ୍ରତା ଓ ଧୈର୍ଯ୍ୟର ସହ ପରୀକ୍ଷା ଦେଇ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶୁଭେଚ୍ଛାରେ କହିଥିଲେ।

Puri

## ମହାପ୍ରଭୁଙ୍କ ପଦ୍ମବେଶ

ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ଦୁର୍ଲଭ ପଦ୍ମବେଶ ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ, ରାତିରେ ବଡ଼ସିଂହାର ନୀତିରେ ମହାପ୍ରଭୁ ପଦ୍ମବେଶରେ ସଜ୍ଜିତ ହୋଇ ପହୁଡ଼ ହେବେ। ଆସନ୍ତାକାଲି ଅବକାଶ ନୀତି ପର୍ଯ୍ୟନ୍ତ ଏହି ବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବେ। ମାଘମାସ

ଶୁକ୍ଳପକ୍ଷ ପ୍ରତିପଦାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ଯେଉଁଦିନ ବୁଧବାର କିମ୍ବା ଶନିବାର ପଡ଼ିଥାଏ ସେ ଦିନ ମହପ୍ରଭୁଙ୍କ ଏହି ବେଶ ଅନୁଷ୍ଠିତ ହେବାର ପରମ୍ପରା ରହିଛି। ବଡ଼ଛତା ମଠ ପକ୍ଷରୁ ଯୋଗାଇଥିବା ପଦ୍ମବେଶରେ ବଡ଼ସିଂହାର ବେଶ ଅନୁଷ୍ଠିତ ହେବ।

DHNKL

## ପକ୍ଷୀ ଗଣନା

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଜଳାଶୟ ଓ ବ୍ରାହ୍ମଣୀ ଅବବାହିକାରେ ଚଳିତ ବର୍ଷ ପକ୍ଷୀ ଗଣନା ଶେଷ ହୋଇଛି। ଗତ ରବିବାରଠାରୁ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଆରମ୍ଭ ହୋଇଥିବା ପକ୍ଷୀ ଗଣନାରେ ୫୨ଟି ପ୍ରଜାତିର ୨ ହଜାର ୫୧୮ଟି ପକ୍ଷୀ ଆସିଥିବା ଜିଲ୍ଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

BHK

## ବାଲ୍ୟ ବିବାହ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚରମ୍ପା ସରକାରୀ ବାଳିକା ବିଦ୍ୟାଳୟରେ ବାଲ୍ୟ ବିବାହ ଉଚ୍ଛେଦ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର ନିଷେଧ ଆଇନ ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।